

# ନବବର୍ଷ ତାତ୍ପର୍ଯ୍ୟ

ମନୋଜ ଦାସ

କଲ୍ୟାଣୀୟାସୁ,

ନମସ୍କାର। 'ନବରବି'ର ନବବର୍ଷ ସଂଖ୍ୟା ସକାଶେ ଆପଣ ଲେଖାଟିଏ ଚାହିଁଥିଲେ, ଯାହାର ବିଷୟବସ୍ତୁ ହୋଇଥିବ ନବବର୍ଷର ତାତ୍ପର୍ଯ୍ୟ।

ଆଜିର ପରିପ୍ରେକ୍ଷୀରେ ସେଭଳି ଲେଖାଟିଏ ଲେଖିବାକୁ ମୁଁ ଉତ୍ସାହ କିମ୍ବା ସାହସ ପାଉନାହିଁ। ମାତ୍ର ଏଗାର ବର୍ଷ ତଳେ ଆମ୍ଭେମାନେ ଏକ ନୂତନ ଶତାବ୍ଦୀରେ ପ୍ରବେଶ କଲୁ। ବିଦାୟୀ ବିଂଶ ଶତାବ୍ଦୀର ଶେଷ ବର୍ଷରୁ ଏକବିଂଶ ଶତାବ୍ଦୀର ପ୍ରଥମ ବର୍ଷ ପର୍ଯ୍ୟନ୍ତ ଅନେକେ ଏକ ପ୍ରକାର ସ୍ୱପ୍ନାତୁର ଅବସ୍ଥାରେ ରହିଥିଲେ - ସତେ ଯେପରି ମାନବଜାତିର ଇତିହାସ ଏକ ଅଭିନବ ପର୍ଯ୍ୟାୟରେ ଉପନୀତ ହେବ।

ସେଭଳି ପରିବର୍ତ୍ତନ ସକାଶେ ବିଜ୍ଞାନ ଏବଂ ସମାଜ ବ୍ୟବସ୍ଥା ଯଥେଷ୍ଟ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଆମ ସାମୂହିକ ଚେତନା ଅଦ୍ୟାବଧି ସେ ସୁଯୋଗରୁ ଯେତିକି ସ୍ଥିରତା ଏବଂ ଶାନ୍ତି ଉପଲବ୍ଧି କରିବା ସମ୍ଭବ, ସେ ପାଇଁ ପ୍ରସ୍ତୁତ ହୋଇନାହିଁ। ଫଳରେ ଶତାବ୍ଦୀର ପରିବର୍ତ୍ତନରେ ଆମ ସୁଖଦୁଃଖ ପ୍ରଧାନ ଅନୁଭୂତିରେ କୌଣସି ପରିବର୍ତ୍ତନ ହୋଇପାରିନାହିଁ।

ବିଡ଼ମ୍ବନା ଏହିଠାରେ : ରାଜନୀତି, ଅର୍ଥନୀତି, ମାନବସଂପର୍କ, ଆଇନକାନୁନ - ସବୁଥିରେ ଆମେ ପରିବର୍ତ୍ତନ ଦାବି କରୁଛୁ। କିନ୍ତୁ ଯାହାର ପରିବର୍ତ୍ତନ ବିନା ଅନ୍ୟ କୌଣସି ପରିବର୍ତ୍ତନ ଫଳପ୍ରଦ ହେବନାହିଁ। ସେ ସତ୍ୟ ଟିକକ ପ୍ରତି ଆମେ ଧ୍ୟାନ ଦେଇନାହୁଁ। କହିବା ବାହୁଲ୍ୟ, ତାହା ଆମ ମୂଲ୍ୟବୋଧର ପରିବର୍ତ୍ତନ।

ସେ ଯାହାହେଉ, ପରିବର୍ତ୍ତନ ଦିଗରେ ଆମର ଆକାଂକ୍ଷା ଅଜ୍ଞାନ ପରିଚାଳିତ ହେଲେ ମଧ୍ୟ ତା'ର ଭୂମିକା ରହିଛି। ହୁଏତ କ୍ରମାଗତ ଚାବୁକ୍ ମାଡ଼ ଖାଇଖାଇ ଆମ ଚେତନା ଦିନେ ମୋହମୁକ୍ତ ହେବ। ଆଶାରୁ ବିରତ ହେଲେ ଚଳିବନାହିଁ। Pandora's Box ପ୍ରବାଦ କଥା ମନେପକାଇ ଦେଉଛି। ମାନବ ସଭ୍ୟତାର ଉଷା କାଳରେ ସେ ସୁନ୍ଦରୀ ଜଣକ ଅତି ଭୌତିକ ଜଗତରୁ ଆସିଥାଏ ଏକ ଲୋଭନୀୟ ପେଟିକା ଧରି। ଯେତେବେଳେ ମାନବ ବସତିରେ ପେଟିକାଟି ଖୋଲା ହେଲା, ସେତେବେଳେ ତହିଁ ଭିତରୁ ପର ପର ବାହାରିଆସିଲେ ଶୋକ, ଦୁଃଖ, ରୋଗ, ବ୍ୟାଧି - ଏପରି ଅସଂଖ୍ୟ ଅନ୍ଧକାର ଜଗତର ଅପଶକ୍ତିବର୍ଗ। ତେବେ, ସବାଶେଷରେ ଆତ୍ମପ୍ରକାଶ କଲା ଆଶା।

ସେହି ଆଶା ହିଁ ମଣିଷକୁ ଅଦ୍ୟାବଧି ଉଦ୍ୟମଶୀଳ କରିରଖିଛି।

ଆପଣଙ୍କର ଏକ ଶୁଭେଚ୍ଛାଭିତ୍ତିକ ଉଦ୍ୟମ : 'ନବରବି'ର ଇତିବୃତ୍ତ ଗୌରବଜନକ। ଏ ଉଦ୍ୟମ ଅବ୍ୟାହତ ରହୁ। ଆଶା ପରିଣତ ହେଉ ଅଭିପ୍ସାରେ।

ଶୁଭେଚ୍ଛା ଓ ଶ୍ରଦ୍ଧା ଗ୍ରହଣ କରନ୍ତୁ।

॥ଇତି॥

***ମନୋଜ ଦାସ***

ଶ୍ରୀମତୀ ସଂଧ୍ୟା ମହାନ୍ତି
ସଂପାଦିକା- ନବରବି
ଭୁବନେଶ୍ୱର